# ଏଣିକି ଗୃହରକ୍ଷୀ ନିଯୁକ୍ତି ବନ୍ଦ

ଭୁବନେଶ୍ୱର,୧୩।୯/ଏନ୍‌ଏନ୍‌ଏସ୍:

ଓଡ଼ିଶା ପୁଲିସର ସହାୟକ ୱିଙ୍ଗ୍ ଭାବ କାର୍ଯ୍ୟ କରୁଥିବା ଗୃହରକ୍ଷୀ (ହୋମଗାର୍ଡ)ଙ୍କ ନୂଆ ନିଯୁକ୍ତି ଆଉ ହେବନାହିଁ। ଏଥିସହିତ ଯେଉଁ ସବୁ ଖାଲି ପଦବୀ ଥିଲା ତାହାକୁ ବି ଉଚ୍ଛେଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଗତ ଫେବ୍ରୁଆରୀ ମାସରେ ଅର୍ଥ ବିଭାଗ ହୋମଗାର୍ଡଙ୍କ ନୂଆ ନିଯୁକ୍ତି ବନ୍ଦ କରିବାକୁ ପରାମର୍ଶ ଦେଇଥିଲା। ସେହି ନିଷ୍ପତ୍ତିକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଗୃହ ବିଭାଗ ପକ୍ଷରୁ କୁହାଯାଇଛି। ଗତ ଫେବୃଆରୀ ୨୨ରେ ଗୃହ ବିଭାଗ ଓଡ଼ିଶା ଅଗ୍ନିଶମ ଡିଜିଙ୍କୁ ଚିଠି ଲେଖି ଗୃହରକ୍ଷୀ ନିଯୁକ୍ତି ବନ୍ଦ କରିବା ଓ ଖାଲି ପଦବୀକୁ ଉଚ୍ଛେଦ କରିବାକୁ ପରାମର୍ଶ ଦେଇଥିଲେ। ଏହା କାର୍ଯ୍ୟକାରୀ ନହେବାରୁ ଜୁଲାଇ ୨୩ ତାରିଖରେ ସରକାର ଆଉ ଏକ ପତ୍ର ମାଧ୍ୟମରେ ବିଭାଗକୁ ଅବଗତ କରିଛନ୍ତି। ଏହି ଚିଠି ପାଇବା ପରେ ଅଗ୍ନିଶମ ବିଭାଗ ନୂଆ ନିଯୁକ୍ତି ବନ୍ଦ ଓ ପଦବୀ ଉଚ୍ଛେଦ ନେଇ ପ୍ରକ୍ରିୟା ଆରମ୍ଭ କରିଥିବା ଜଣାପଡ଼ିଛି। ହୋମଗାର୍ଡ ପଦକୁ ଉଚ୍ଛେଦ କରି ସେହି ସ୍ଥାନରେ ପୁଲିସ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବାକୁ ଯୋଜନା ପ୍ରସ୍ତୁତ କରାଯାଇଛି। ସିଭିଲ ପୁଲିସିଂକୁ ସୁଦୃଢ଼ କରିବା ପାଇଁ ଏହି ପଦକ୍ଷେପ ନିଆଯାଉଥିବା ଜଣେ ବରିଷ୍ଠ ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ, ତିନି ଜଣ ହୋମଗାର୍ଡଙ୍କ ସ୍ଥାନରେ ଜଣେ କନଷ୍ଟେବଲଙ୍କୁ ନିଯୁକ୍ତି ଦିଆଯିବ। ଜଣେ କନଷ୍ଟେବଲ ପୁଲିସର କାର୍ଯ୍ୟ କରିପାରିବ। ଫଳରେ କାମ ଚାପ, ତଦନ୍ତ ଓ ଅଭିଯୁକ୍ତଙ୍କ ଗିରଫଦାରୀରେ ବେଶ ସହଜ ହେବ। ଜଣେ ଗୃହରକ୍ଷୀ କନଷ୍ଟେବଲଙ୍କ ଭଳି କାମ କରିପାରିବ ନାହିଁ। ରାଜ୍ୟରେ ୧୭,୬୭୫ ଗୃହରକ୍ଷୀ ମଞ୍ଜୁରି ପଦବୀ ଥିବା ବେଳେ ଏବେ ୧୬,୧୦୦ ଜଣ କାର୍ଯ୍ୟରତ ଅଛନ୍ତି।

# ଶ୍ରମିକଙ୍କ ପାଇଁ ଇ-ମଷ୍ଟର ରୋଲ୍

ଭୁବନେଶ୍ୱର,୧୩।୯/ଏନ୍‌ଏନ୍‌ଏସ୍:

ପ୍ରଶାସନିକ କ୍ଷେତ୍ରରେ ସ୍ୱଚ୍ଛତା ଆଣିବା ଦିଗରେ ରାଜ୍ୟ ସରକାର ଏକ ଐତିହାସିକ ପଦକ୍ଷେପ ନେଇଛନ୍ତି। ଏଣିକି ଶ୍ରମିକଙ୍କ ମଜୁରୀ ପାଇଁ ଇ-ମଷ୍ଟରରୋଲ୍ ବାଧ୍ୟତାମୂଳକ। ଏହି ଅଭିଯାନରେ ଅନିୟମିତତା ରୋକିବା ଓ ସ୍ୱଚ୍ଛତା ସୁନିଶ୍ଚିତ କରିବ। ମଷ୍ଟରରୋଲ୍ ଗୁଡ଼ିକ ଇଲେକ୍ଟ୍ରନିକ୍ ପଦ୍ଧତିରେ ପ୍ରସ୍ତୁତ ହେବା ସହ ବିଭାଗଗୁଡ଼ିକ ଦ୍ୱାରା ନିୟୋଜିତ ଶ୍ରମିକମାନଙ୍କ ବ୍ୟାଙ୍କ ଜମାଖାତାକୁ ମଜୁରୀ ଅର୍ଥ ଜମା କରାଯିବ। ଏହା ଫଳରେ ସର୍ବନିମ୍ନ ମଜୁରୀ ପ୍ରଦାନର ତଦାରଖ ବ୍ୟବସ୍ଥା ଏବଂ ନିର୍ଦ୍ଧାରିତ ସମୟରେ କର୍ମଚାରୀ ରାଜ୍ୟ ବୀମା ଏବଂ ଭବିଷ୍ୟନିଧି ପାଣ୍ଠିର ଦାଖଲ ସୁନିଶ୍ଚିତ ହୋଇପାରିବ।

ପ୍ରଥମ ପର୍ଯ୍ୟାୟରେ ଏହି ପଦକ୍ଷେପ ଆସନ୍ତା ଅକ୍ଟୋବର ୨ରୁ ଆରମ୍ଭ ହେବ। ପୂର୍ତ୍ତ, ଜଳ ସମ୍ପଦ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗରେ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପରେ ଇ-ମଷ୍ଟର ରୋଲ୍ କାର୍ଯ୍ୟକାରୀ ହେବ। ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପାଇଁ ନୋଡାଲ୍ ବିଭାଗ ରହିବ ପୂର୍ତ୍ତ ବିଭାଗ। ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ ଯୋଗେ ୫-ଟି ସୂତ୍ର ଆଧାରରେ ବିଭିନ୍ନ ବିଭାଗରେ ଇ-ମଷ୍ଟର ରୋଲ୍ ପ୍ରସ୍ତୁତି ଓ ବିଭିନ୍ନ କାର୍ଯ୍ୟ ପାଇଁ ବ୍ୟାଙ୍କ ଜରିଆରେ ମଜୁରୀ ପ୍ରଦାନ ବ୍ୟବସ୍ଥା ଉପରେ ସମୀକ୍ଷା କରିଥିଲେ। ଇ-ମଷ୍ଟର ରୋଲ୍‌ର ସାର୍ବଜନିକ କାର୍ଯ୍ୟାନ୍ୱୟନ ୨୦୨୧ ଜାନୁଆରୀ ୧ ତାରିଖ ସୁଦ୍ଧା ସମ୍ପନ୍ନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଉପଯୁକ୍ତ ଆଇନଗତ ବ୍ୟବସ୍ଥା, ଉନ୍ନତ ସୂଚନା ପ୍ରଯୁକ୍ତିବିଦ୍ୟା ପ୍ରୟୋଗ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ରାଜ୍ୟସ୍ତରୀୟ ତାଲିମ୍ ଓ ଦକ୍ଷତାବୃଦ୍ଧି କାର୍ଯ୍ୟକ୍ରମ ଆୟୋଜନ ସହିତ ସବୁବର୍ଗର କର୍ମଚାରୀମାନଙ୍କୁ ସଚେତନ କରିବା ପାଇଁ ବ୍ୟାପକ ସୂଚନା, ଶିକ୍ଷା ଓ ଯୋଗାଯୋଗ

▶▶ ୭